# ରାଜକିଶୋର ମିଶ୍ର

ଜନ୍ମ: (୧୯୩୯-....)

ପୁସ୍ତକ: **ପୂଣ୍ୟ-ଅଭିଳାଷ,** ପୃଷ୍ଠା:୧୬୬, ପ୍ରକାଶକାଳ-୨୦୦୮, ମୂଲ୍ୟ: ୧୨୦/-,

ମଣିଷ ଆଧ୍ୟାତ୍ମିକ ହେବା ଜରୁରୀ । କାରଣ ଏଥିରେ ହିଁ ରହିଛି ତା'ର ଜୀବନର ଶ୍ରେଷ୍ଠତ୍ୱ, ଆଉ ସୁଖର ରହସ୍ୟ । ତଥାପି ଏସବୁ ପ୍ରତି ଧ୍ୟାନ ଦେଉନଥିବା ମନୁଷ୍ୟଙ୍କ ପାଇଁ ଏହି ପୁସ୍ତକଟିରେ ରହିଚି ସେସବୁକୁ ବୁଝିବାର ସୁଯୋଗ । ସତ୍ୟ, ମୁକ୍ତି, ଆନନ୍ଦ, ଚୈତନ୍ୟ, ଆତ୍ମସଂଯମ, ଜ୍ଞାନମାର୍ଗ, ଜପ ଯୋଗ, ମନ୍ତ୍ର ଶକ୍ତି ପରି ଶତାଧିକ ଆଧ୍ୟାତ୍ମିକ ତତ୍ତ୍ୱ ଉପରେ ଏଥିରେ ଆଲୋଚନା କରାଯାଇଛି । ବେଦ, ଉପନିଷଦ ସହ ବିଭିନ୍ନ ପୁରାଣ ତଥା ଧର୍ମପୁସ୍ତକ ଯାହା ମଣିଷକୁ ପୁରାକାଳରୁ ଦିଗ୍‌ଦର୍ଶନ ଦେଇ ଆସୁଛି ସେ ସବୁର କିଛି ମୁଖ୍ୟ ପ୍ରସଙ୍ଗକୁ ଆଧାର କରି ବେଶ୍ ସହଜ ଶୈଳୀରେ ପୁସ୍ତକଟି ପ୍ରସ୍ତୁତ ହୋଇଛି ।